## ସଂକ୍ଷେପରେ

### କମ୍ପାନୀରୁ ଇଞ୍ଜିନିୟରଙ୍କ ମୃତଦେହ ଜବତ

**ଢେଙ୍କାନାଳ ଅଫିସ, ୧୮।୧୨:** ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ କାରଖାନାର ସିନ୍ଟର ପ୍ଲାଣ୍ଟ-୩ରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଜିତେନ୍ଦ୍ର ପ୍ରସାଦ (୫୦)ଙ୍କ ମୃତଦେହ ରବିବାର କମ୍ପାନୀ ପରିସରରୁ ମିଳିଛି। ଜିତେନ୍ଦ୍ରଙ୍କ ଘର ଉତ୍ତରପ୍ରଦେଶରେ। ସେ ଶନିବାର ନାଇଟ୍ ଶଫ୍ଟରେ ଥିଲେ। ସକାଳ ୭ଟାରେ ଚଟାଣରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ସହକର୍ମୀମାନେ ଦେଖିଥିଲେ। ସୂଚନାପାଇ କାରଖାନା ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ରର ଜରୁରିକାଳୀନ ମେଡିକାଲ ଟିମ୍ ପହଞ୍ଚି ଯାଞ୍ଚ କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। କଣ୍ଟାବଣିଆ ପୋଲିସ ଫରେନ୍‌ସିକ୍ ଦଳ ସହିତ ପହଞ୍ଚି ତଦନ୍ତ କରିଛି। ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ମିଳିଛି, ଯାହା ଘଟଣାକୁ ରହସ୍ୟାବୃତ୍ତ କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଆତ୍ମହତ୍ୟା କି ନୁହେଁ, ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଅନ୍ୟପଟେ କାରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ ହୋଇଛି। ଏ ନେଇ ଘର ଲୋକଙ୍କୁ ଅବଗତ କରାଯାଇଛି। ନିୟମ ଅନୁଯାୟୀ ତାଙ୍କ ପରିବାରକୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

### ସୁନ୍ଦର ଗାଁ ଚାମ୍ପିୟନ

**ଢେଙ୍କାନାଳ ଅଫିସ, ୧୮।୧୨:** ଗଁଦିଆ ବ୍ଲକ ଯୋରନ୍ଦାସ୍ଥିତ ମହାବୀର ଖେଳ ପଡ଼ିଆରେ ଚାଲିଥିବା ୨୭ତମ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଚୌଦ୍ୱାରକୁ ହରାଇ ସୁନ୍ଦର ଗାଁ ଚାମ୍ପିୟନ ହୋଇଛି। ୧୮ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ସୁନ୍ଦର ଗାଁ ଦଳ ୨୪୫ ରନ୍ କରିଥିଲା। ଜବାବରେ ଚୌଦ୍ୱାର ପାଲି ୧୪୫ ରନ୍‌ରେ ସୀମିତ ରହିଯାଇଥିଲା। ସତ୍ୟଜିତ୍ ନାୟକ, ଭବାନୀ ଶଙ୍କର ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। କୁନା ଏବଂ ପପୁ ଧାରା ବିବରଣୀ ଦେଇଥିବାବେଳେ ମହିମା ପ୍ରସାଦ, ଅଗ୍ନିଦୀପ ନାୟକ ସ୍କୋରର ରହିଥିଲେ। ପୁରସ୍କାର ବିତରଣୀ ସମାରୋହରେ ସରପଞ୍ଚ ଆରତୀ ନାୟକ, ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ଚିନ୍ନରା, ସମିତିସଭ୍ୟ ପ୍ରତ୍ୟୁଷହରି ପ୍ରଧାନ, ପୂର୍ବତନ ସରପଞ୍ଚ ସର୍ବେଶ୍ୱର ନାୟକ, ସାମାଜିକ କର୍ମୀ ଜିତେନ୍ଦ୍ର ସାହୁ, ପାର୍ଶ୍ୱେଶ୍ୱର ନାୟକ, ପ୍ରଭାସ ରାଉତ, ପ୍ରତାପ ଷଡ଼ଙ୍ଗୀ, ଅଜିତ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ।

### ବାଲି ଚୋରା ଚାଲାଣ: ୩୦ ହଜାର ଜରିମାନା ଆଦାୟ

**ପରଜଙ୍ଗ, ୧୮।୧୨(ଡି.ଏନ୍.ଏ.)** ପରଜଙ୍ଗ ତହସିଲ ପ୍ରଶାସନ ପକ୍ଷରୁ ସାଆନ୍ଦା ଆର୍‌ଆଇ ସର୍କଲ ଅଧୀନ ବତାସିଙ୍ଗା ବାଲିଘାଟରେ ଚଢ଼ାଉ କରାଯାଇ ଏକ ବେଆଇନ ବାଲି ବୋଝେଇ ଟିପ୍ପର (ନଂ. ଓଆର୍ ୦୯ ଜେ ୫୧୬୬) ଜବତ କରାଯାଇଛି। ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ପରେ ଗାଡ଼ିକୁ ଛଡ଼ାଯାଇଛି। ଚଢ଼ାଉରେ ପରଜଙ୍ଗ ଆର୍‌ଆଇ ଆଲୋକ କୁମାର ଲେଙ୍କା, ସାଆନ୍ଦା ଆର୍‌ଆଇ ବିନୋଦ ସାହୁ, ରାଜସ୍ୱ ଅଧିକାରୀ ଅନୁପମ ସିଂ ସାମିଲ ହୋଇଥିଲେ। ଅଞ୍ଚଳରେ ବେଆଇନ ଲଘୁ ଖଣିଜ ଚାଲାଣ ବଢୁଥିବାବେଳେ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ଆନ୍ତଃକ୍ଲବ କ୍ରିକେଟ୍: ଚନ୍ଦ୍ରଶେଖର ଦଳ ବିଜୟୀ

**ଢେଙ୍କାନାଳ ଅଫିସ, ୧୮।୧୨** ଢେଙ୍କାନାଳ ଷ୍ଟାଡିୟମ୍‌ରେ ରବିବାରଠାରୁ ଆରମ୍ଭ ହୋଇଛି ୧୬ ଓ ୧୯ ବର୍ଷୀୟ ଆନ୍ତଃକ୍ଲବ୍ କ୍ରିକେଟ୍ ପ୍ରତିଯୋଗିତା। ଏଥିରେ ୪ ଦଳ ଭାଗନେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ପୂର୍ବତନ ଖେଳାଳି ସୁଜିତ ପ୍ରଧାନ, ଶିବଶଙ୍କର ଦେହୁରୀ, ଅଭିଜିତ୍ ମିଶ୍ର, ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଚନ୍ଦ୍ରଶେଖର ଦଳ ପ୍ରଥମେ ବ୍ୟାଟିଂ କରି ୨୧୧ ରନ୍ କରିଥିଲା। ଜବାବରେ ବଳରାମ ଦଳ ୧୩୩ ରନ୍ କରି ପରାଜିତ ହୋଇଥିଲା। ବିଜୟୀ ଦଳର ରାମ ନାରାୟଣ ସାହୁ ୫୧ ରନ୍ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ଇମ୍‌ତିଆଜ୍ ଅଲ୍ଲି ଖେଳ ପରିଚାଳନା କରିଥିଲେ। ସ୍କୋରର୍ ଭାବେ ଜିତେନ୍ଦ୍ର ସେନାପତି ଦାୟିତ୍ୱ ତୁଲାଇଥିଲେ। ସୋମବାର ଚନ୍ଦ୍ରଶେଖର ଦଳ ଓ ଜଗନ୍ନାଥ ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି।

# ମୁଖ୍ୟସ୍ରୋତରେ ଯୋଡ଼ିହେବେ ଜୁଆଙ୍ଗ

- କାମାକ୍ଷାନଗରରେ ଖୋଲିଲା ଜୁଆଙ୍ଗ ଉନ୍ନୟନ କାର୍ଯ୍ୟାଳୟ
- ଶିକ୍ଷିତ ହେଲେ ଜୁଆଙ୍ଗ ଜନଜାତି ବିକାଶ ହେବ: ଖଣିମନ୍ତ୍ରୀ

**ଢେଙ୍କାନାଳ ଅଫିସ/ କାମାକ୍ଷାନଗର(ଡି.ଏନ୍.ଏ.)୧୮।୧୨**



ଜୁଆଙ୍ଗ ଜନଜାତିଙ୍କ ବିକାଶ ନିମନ୍ତେ କାମାକ୍ଷାନଗରଠାରେ ଆୟୋଜିତ ଉତ୍ସବରେ ଅତିଥିମାନେ ଲୋଗୋ ଉନ୍ମୋଚନ କରୁଛନ୍ତି।

ସମ୍ବେଦନଶୀଳ ତଥା ଅର୍ଥନୈତିକ ଅନଗ୍ରସର ଜୁଆଙ୍ଗଙ୍କୁ ମୁଖ୍ୟସ୍ରୋତରେ ଯୋଡ଼ିବା ପାଇଁ ଉଦ୍ୟମ ଆରମ୍ଭ କରିଛି ଢେଙ୍କାନାଳ ଜିଲା ପ୍ରଶାସନ। ନିଶାସେବନ, ଶିକ୍ଷାର ଅଭାବ ଏହି ଆଦିମ ଜନଜାତିର ବିକାଶରେ ପ୍ରତିବନ୍ଧକ ସାଜିଥିବାବେଳେ ସେମାନଙ୍କୁ ସଚେତନ କରାଇବା ଲାଗି କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି ସ୍ୱତନ୍ତ୍ର ଜୁଆଙ୍ଗ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ। ଏଥିସହ ବଡ଼ସୁଆଁଳ ହାଇସ୍କୁଲ ଖେଳପଡ଼ିଆରେ ବିଶାଳ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ କହିଲେ, ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ପକ୍ଷରୁ ଅନଗ୍ରସର ଜୁଆଙ୍ଗଙ୍କ ସାମଗ୍ରିକ ବିକାଶ ପାଇଁ ଉଦ୍ୟମ କରାଯାଉଛି। ଖୁବ୍‌ଶୀଘ୍ର ଜୁଆଙ୍ଗଙ୍କ ଶିକ୍ଷାର ବିକାଶ ଲାଗି ଏକ ସ୍ୱତନ୍ତ୍ର ବିଦ୍ୟାଳୟ ଖୋଲାଯିବ। ସେମାନେ ଶିକ୍ଷିତ ହେଲେ ନିଶାସେବନଠାରୁ ଦୂରେଇ ରହିବେ। ସରକାରଙ୍କ ବିଭିନ୍ନ ଜନମଙ୍ଗଳ ଯୋଜନା ସମ୍ପର୍କରେ ଅବଗତ ହେବେ। ଫଳରେ ସେମାନଙ୍କ ସ୍ୱାସ୍ଥ୍ୟ, ଅର୍ଥନୈତିକ ଅବସ୍ଥାରେ ସୁଧାର ଆସିପାରିବ। ଏ ଦିଗରେ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଯତ୍ନବାନ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସମ୍ମାନିତ ଅତିଥି ଏମ୍‌ପି ମହେଶ ସାହୁ କହିଲେ, ଜିଲାରେ ବସବାସ କରୁଥିବା ପ୍ରାୟ ୧୧,୦୦୦ ଜୁଆଙ୍ଗଙ୍କୁ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରିପାରିଲେ ସେମାନଙ୍କର ବିକାଶ ସମ୍ଭବ। ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ କହିଲେ, ଜୁଆଙ୍ଗ ଜନଜାତି ଶିକ୍ଷିତ ହେଲେ ସେମାନଙ୍କ ଜୀବନ ଜୀବିକାର ବିକାଶ ହେବ। ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଉପସଭାନେତ୍ରୀ ବିଳାସିନୀ ସେଠୀ ପିଲାଙ୍କୁ ଶିକ୍ଷିତ କରାଇବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ ସେଠୀ କହିଲେ, ଜୁଆଙ୍ଗଙ୍କ ବିକାଶ ଲାଗି ଉଦ୍ୟମ କରାଯାଉଛି। ଶିକ୍ଷାକୁ ଅଗ୍ରାଧିକାର ଦେବା, ପୁଷ୍ଟିକର ଖାଦ୍ୟ ଖାଇବା, ଗୁଣିଗାରେଡ଼ିରେ ବିଶ୍ୱାସ ନ କରି ଡାକ୍ତରଙ୍କ ପାଖକୁ ଯିବା, ବାଲ୍ୟ ବିବାହ ବନ୍ଦ ହେଲେ ଜୁଆଙ୍ଗଙ୍କ ଉନ୍ନତି ହୋଇପାରିବ ବୋଲି ସେ କହିଥିଲେ।

ଏହି ଅବସରରେ କଙ୍କଡ଼ାହାଡ଼ ବ୍ଲକ ପୁଟିପାଳର ସରସ୍ୱତୀ ଏସ୍‌ଏଚ୍‌ଜିକୁ ୨ ଲକ୍ଷ, ମା’ ଲକ୍ଷ୍ମୀ ଏସ୍‌ଏଚ୍‌ଜିଙ୍କୁ ୨ ଲକ୍ଷ, ମକୁଆକାଟେଣୀର ଏସ୍‌ଏଚ୍‌ଜିକୁ ୩ ଲକ୍ଷ ଟଙ୍କା ବିନା ସୁଧରେ ଋଣ ପ୍ରଦାନ କରାଯାଇଥିଲା। ପୁଟିପାଳରେ ଜୁଆଙ୍ଗ ପିଲାଙ୍କୁ ସ୍ୱେଚ୍ଛାକୃତ ଭାବେ ଶିକ୍ଷାଦାନ କରୁଥିବା ଲକ୍ଷ୍ମଣ ପ୍ରଧାନ, ଭାନୁମତୀ ଦେହୁରୀ, ଉଦରି ପ୍ରଧାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ୩ ନିର୍ମାଣ ଶ୍ରମିକଙ୍କୁ ସହାୟତା ଦିଆଯାଇଥିଲା। ଶିବିରରେ ୨,୦୦୦ରୁ ଅଧିକ ଜୁଆଙ୍ଗ ଜନଜାତିର ଲୋକେ ଯୋଗଦେଇଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବନ୍ଧୁତ୍ୱପୂର୍ଣ୍ଣ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏକ ଲୋଗୋ ଉନ୍ମୋଚିତ ହୋଇଥିଲା।

କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଡିଓ ବିକାଶ ମହାନ୍ତି, କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଉଦୟ ମହାପାତ୍ର, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଶିବାନନ୍ଦ ସ୍ୱାଇଁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ ଦରୱାନ, ଜିଲା ମଙ୍ଗଳ ଅଧିକାରୀ ପୁରୁଷୋତ୍ତମ ସେଠୀ ପ୍ରମୁଖ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଦେବଦର୍ଶିନୀ ସ୍ୱାଇଁ, ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱର ଉଠାଇଲେ ସଚ୍ଚିଦାନନ୍ଦ

ଜୁଆଙ୍ଗମାନେ ଅବହେଳିତ ହୋଇ ରହିଛନ୍ତି। ଅନେକ ଗରିବ ପରିବାର ଘରଡିହ ପଟ୍ଟାରୁ ବଞ୍ଚିତ ହୋଇ ରହିଛନ୍ତି। ମାଟ୍ରିକ୍ ପାସ୍ କରିଥିବା ପିଲାଙ୍କୁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଦିଆଯାଉ ନ ଥିବାରୁ ସେମାନେ ବେକାର ହୋଇଯାଉଛନ୍ତି। ପିଲାଙ୍କ ପାଇଁ ଉଚ୍ଚ ଶିକ୍ଷାର ସୁବିଧା କରିବା ଲାଗି ହାଇସ୍କୁଲ ଖୋଲିବା ସହ ବିଭିନ୍ନ ସରକାରୀ ଯୋଜନାରେ ସେମାନଙ୍କୁ ସାମିଲ କରାଗଲେ ଜୁଆଙ୍ଗଙ୍କ ବିକାଶ ହେବ ବୋଲି ସଚେତନତା କାର୍ଯ୍ୟକ୍ରମରେ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି। କାମାକ୍ଷାନଗର ବ୍ଲକ କନ୍ଧବୋଲ ଗ୍ରାମର ସଚ୍ଚିଦାନନ୍ଦ ପ୍ରଧାନ। ଏହାକୁ ବିଚାର କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଅଧିକାରୀମାନେ ଆଶ୍ୱାସନା ଦେଇଛନ୍ତି।

## ସେମିରେ ସୋଲାର କ୍ଲବ

**ସାତମାଇଲ, ୧୮।୧୨(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ଠୋକରସ୍ଥିତ ବେଣାଗାଡ଼ିଆ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଚିନୁ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ରବିବାର ଖେଳାଯାଇଥିବା ପୁଲ-‘ବି’ର ସଂଘର୍ଷପୂର୍ଣ୍ଣ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ମୁକ୍ତେଶ୍ୱର କ୍ଲବକୁ ୨ ରନ୍‌ରେ ପରାସ୍ତ କରି ସେମିରେ ପ୍ରବେଶ କରିଛି କଟକ ସୋଲାର କ୍ଲବ। ସୋଲାର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୨୧୨ ରନ୍ କରିଥିଲା। ଜବାବରେ ମୁକ୍ତେଶ୍ୱର କ୍ଲବ ୨୧୧ କରିବାକୁ ସକ୍ଷମ ହୋଇଥିଲା। ୭୬ ବଲ୍‌ରୁ ୧୧୪ ରନ୍ କରିଥିବା ବିଜୟୀ ଦଳର ସାଇଦୀପ ମହାପାତ୍ରଙ୍କୁ ‘ମ୍ୟାନ୍ ଅଫ ଦି ମ୍ୟାଚ’ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଶାନ୍ତ ଦାସ, ସାଧବ ଗଡ଼ନାୟକ ଖେଳ ପରିଚାଳନା କରିଥିବାବେଳେ ବିଜନ ମିଶ୍ର ଧାରା ବିବରଣୀ ଦେଇଥିଲେ। ସୋମବାର ପୁଲ୍-‘ବି’ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ କଟକ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଏବଂ ନାଲ୍‌କୋ ଏନ୍‌ଆର୍‌ସିଏ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ମା’ ପୀତାବଳି କ୍ରିକେଟ୍ କ୍ଲବ ସଭାପତି ବୁଲୁ ମାଝି ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ବିଜେଡି କାଉନ୍‌ସିଲର ଏବଂ ଦଳୀୟ ନେତୃବୃନ୍ଦ।

## ଭିଜିଲାନ୍ସ ତଦନ୍ତକୁ ସ୍ୱାଗତ କରୁଛୁ: ଉପାଧ୍ୟକ୍ଷ

**ଢେଙ୍କାନାଳ ଅଫିସ, ୧୮।୧୨**

### ଜବାବ ରଖିଲା ବିଜେଡି

ଢେଙ୍କାନାଳ ପୌରାଧ୍ୟକ୍ଷା ତଥା ଭାଜପା ନେତ୍ରୀ ଜୟନ୍ତୀ ପାତ୍ର ଏବଂ ଉପାଧ୍ୟକ୍ଷ ତଥା ବିଜେଡି ନେତା ପ୍ରକାଶ ଚନ୍ଦ୍ର କୁଅଁରଙ୍କ ମଧ୍ୟରେ ଚାଲିଥିବା ଶୀତଳଯୁଦ୍ଧ ଥମୁନାହିଁ। ଶନିବାର ପୌରାଧ୍ୟକ୍ଷା ଏକ ଖବରଦାତା ସମ୍ମିଳନୀରେ ଉପାଧ୍ୟକ୍ଷଙ୍କ ବିରୋଧରେ ବିଷୋଦ୍‌ଗାର କରିଥିବାବେଳେ ରବିବାର ଅପରାହ୍ନରେ ଏହାର ଜବାବ ରଖିଛି ବିଜେଡି। ବିଜେଡି କାର୍ଯ୍ୟାଳୟରେ ଉପାଧ୍ୟକ୍ଷ କୁଅଁର ଖବରଦାତା ସମ୍ମିଳନୀ କରିଥିଲେ। ପୌରାଞ୍ଚଳର ବିଭିନ୍ନ ଦୁର୍ନୀତିମୂଳକ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରିବାକୁ ପୌରାଧ୍ୟକ୍ଷା ଚେତାବନୀ ଦେଇଥିବାବେଳେ ଏହାକୁ ସେ ସ୍ୱାଗତ କରିଛନ୍ତି। ଏଥିସହ ପୌରାଧ୍ୟକ୍ଷାଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ଢେଙ୍କାନାଳ ଆଇନ ମହାବିଦ୍ୟାଳୟ ଜମି କିଣାରେ ହୋଇଥିବା ଅନିୟମିତତାର ମଧ୍ୟ ଭିଜିଲାନ୍ସ ତଦନ୍ତ ହେବା ଉଚିତ ବୋଲି ସେ ପାଲଟା ଟାର୍ଗେଟ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଉପାଧ୍ୟକ୍ଷ କହିଛନ୍ତି, ସେ ଆଣିଥିବା ଅଭିଯୋଗ ସବୁ ତଥ୍ୟଭିତ୍ତିକ। ପୌରାଧ୍ୟକ୍ଷା ଆଣିଥିବା ଅଭିଯୋଗର ତଥ୍ୟ ଦିଅନ୍ତୁ। ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ବିଧାୟକଙ୍କ ପ୍ରତିନିଧି ଅଜୟ କୁମାର ଭଞ୍ଜଙ୍କ ସମେତ ଦଳୀୟ କାଉନ୍‌ସିଲର ଉପସ୍ଥିତ ଥିଲେ।

ପୌର ନିର୍ବାଚନର ୮ ମାସ ବିତିବା ପରେ ବିଜେଡି ଓ ଭାଜପା ମଧ୍ୟରେ ବିବାଦ ଯୋଗୁ ସହରବାସୀ ମୌଳିକ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଦୃଷ୍ଟିଆକର୍ଷଣ କରାଯିବାରେ ଜିଲା ବିଜେଡି ସାଧାରଣ ସମ୍ପାଦକ ମିଶ୍ର କହିଲେ, ସହରାଞ୍ଚଳ ବିକାଶ ଲାଗି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଯୋଜନାଗୁଡ଼ିକର ସଫଳତା ପୌରାଧ୍ୟକ୍ଷା ଓ ଭାଜପା କାଉନସିଲର ଚାହୁଁନାହାନ୍ତି। ସେଥିପାଇଁ ରାଜ୍ୟ ସରକାରଙ୍କ ଯୋଜନା କାର୍ଯ୍ୟକାରୀ କରିବାକୁ ଦେଉନାହାନ୍ତି। ଖୁବ୍‌ଶୀଘ୍ର ଜିଲାର ସମସ୍ତ ବିଧାୟକ, ମନ୍ତ୍ରୀ, ଏମ୍‌ପି ଓ ଜିଲାପାଳଙ୍କୁ ଜଣାଇ ଏକ ବୈଠକ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ବିଶ୍ୱବିଦ୍ୟାଳୟସ୍ତରୀୟ ପୁରୁଷ କ୍ରିକେଟ୍

## ଫାଇନାଲରେ ଭୁବନ କଲେଜ

**ଭୁବନ, ୧୮।୧୨(ଡି.ଏନ୍.ଏ.)**

କଟକ ବାଲି କଲେଜ ଖେଳପଡ଼ିଆରେ ଚାଲିଥିବା ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଫାଇନାଲ୍‌ରେ ପ୍ରଥମ ଥର ପାଇଁ ପ୍ରବେଶ କରିଛି ଢେଙ୍କାନାଳ ଜିଲାର ଭୁବନ ବାଜି ରାଉତ କଲେଜ ଦଳ। ଗ୍ରୁପ୍-‘ଏ’ରେ ୧୧ ଏବଂ ଗ୍ରୁପ୍-‘ବି’ରେ ୧୪ ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ କ୍ୱାର୍ଟର ଫାଇନାଲରେ କଟକ, ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ହିନ୍ଦୋଳ ଏବଂ ସେମିଫାଇନାଲରେ ତିର୍ତ୍ତୋଲ କଲେଜକୁ ହରାଇଥିବା ଭୁବନ ଗ୍ରୁପ୍-‘ଏ’ର ଅପରାଜୟ ରହି ଶୀର୍ଷ ସ୍ଥାନରେ ରହିଛି। ୨୪ତାରିଖରେ ଗ୍ରୁପ୍-‘ବି’ ବିଜେତା ସହ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ମ୍ୟାନେଜର କୈଳାସ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରଥମ ଥର ପାଇଁ ଭୁବନ ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ଫାଇନାଲ୍‌ରେ ସ୍ଥାନ ହାସଲ କରିଛି। ଏଥିପାଇଁ କଲେଜ ଅଧ୍ୟକ୍ଷ ଅଜିତ୍ ବେହେରା ଅଧିନାୟକ ପ୍ରଭାସ କୁମାର ସାହୁଙ୍କ ନେତୃତ୍ୱାଧୀନ ୧୪ ଜଣିଆ ଦଳ ଏବଂ ମ୍ୟାନେଜମେଣ୍ଟକୁ ଶୁଭେଚ୍ଛା ଜଣାଇଛନ୍ତି। ଏ ସଂକ୍ରାନ୍ତରେ ପ୍ରଭାସ କୁହନ୍ତି, ପୂର୍ବ ମ୍ୟାଚ୍ ଅପେକ୍ଷା ଫାଇନାଲ୍ ମ୍ୟାଚ୍ ଅଧିକ ସଂଘର୍ଷପୂର୍ଣ୍ଣ ହେବ। ବୋଲିଂରେ ତ୍ରୁଟି ସୁଧାରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଚଳିତ ଥର ନିଶ୍ଚିତ ଚାମ୍ପିୟନ୍ ହେବୁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ରଞ୍ଜନା ଗୌହର ପାଇବେ ସପ୍ତଶଯ୍ୟା ସମ୍ମାନ

**ଢେଙ୍କାନାଳ ଅଫିସ, ୧୮।୧୨**

### ୨୪ରୁ ସପ୍ତଶଯ୍ୟା ମହୋତ୍ସବ

ଢେଙ୍କାନାଳର ନୃତ୍ୟ ଅନୁଷ୍ଠାନ ‘ଦେବାଂଶୀ ଡ୍ୟାନ୍ସ ଏକାଡେମୀ’ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମରେ ୨୪ ତାରିଖରୁ ଦୁଇଦିନ ଧରି ଅନୁଷ୍ଠିତ ହେବ ‘ସପ୍ତଶଯ୍ୟା ମହୋତ୍ସବ’। ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ରଞ୍ଜନା ଗୌହରଙ୍କୁ ମର୍ଯ୍ୟାଦାଜନକ ‘ସପ୍ତଶଯ୍ୟା ସମ୍ମାନ’ ପ୍ରଦାନ କରାଯିବ। ସେହିପରି କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଅଭିନେତା ଅସିତ୍ ପତି, କୁନି ମିଶ୍ର, ସଙ୍ଗୀତରେ ଡ. ବିଜୟ ଜେନା, ପ୍ରୀତିନନ୍ଦା ରାଉତରାୟ, ଓଡ଼ିଶୀ ନୃତ୍ୟଶିଳ୍ପୀ ଚିତ୍ତରଞ୍ଜନ ଆଚାର୍ଯ୍ୟ, ଶାଶ୍ୱତ ଯୋଶୀ, ପୂର୍ଣ୍ଣଶ୍ରୀ ରାଉତ, କଣ୍ଠଶିଳ୍ପୀ ବିଭୁକିଶୋର, ପମି ମିଶ୍ର, ଶାଶ୍ୱତ ତ୍ରିପାଠୀ, ଅଭିନେତା ମୃତ୍ୟୁଞ୍ଜୟ ପଣ୍ଡା, ସୋମା ହୋତା, ରାଜଶ୍ରୀ ପ୍ରହରାଜ, ସୁବ୍ରତ ଭୂୟାଁ, କ୍ଷଣପ୍ରଭା ପରିଡାଙ୍କୁ ‘ୟୁଥ୍ ଆଇକନ’ ସମ୍ମାନରେ ସମ୍ମାନିତ କରାଯିବ। ସଙ୍ଗୀତ କ୍ଷେତ୍ରରେ ଅବଦାନ ପାଇଁ ରାସବିହାରୀ ନାଥ, ନାଟକରେ ଶ୍ରୀନିବାସ ମିଶ୍ର, ନୃତ୍ୟରେ ଏଏନ୍‌ପି ଲୋପାମୁଦ୍ରା, ସେବାରେ ସନ୍ଦୀପ ଷଡ଼ଙ୍ଗୀ, ସଂସ୍କୃତି କ୍ଷେତ୍ରରେ ଅଥୟ କୁମାର ସାହୁ ସମ୍ବର୍ଦ୍ଧିତ ହେବେ। ଭୁବନେଶ୍ୱର ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ଓଡ଼ିଶୀ ନୃତ୍ୟ ‘ସୁପର ଭାଇବ୍ରେଶନ’, ଅତିଥି କଳାକାରଙ୍କ ଦ୍ୱାରା ସ୍ୱତନ୍ତ୍ର ସଙ୍ଗୀତ, ମା’ଙ୍କୁ ନେଇ ର୍‍ୟାମ୍ପ ଶୋ’ ଅନୁଷ୍ଠିତ ହେବ। ଦେବାଂଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମାହାରୀ, ଢେମସା, ନୃତ୍ୟ ନାଟିକା ‘ଢେଙ୍କାନାଳ ମୋର ଗାଁ’ ପରିବେଷଣ କରାଯିବ ବୋଲି ଅନୁଷ୍ଠାନର ସଭାପତି ଶାନ୍ତି ମିଶ୍ର ଏବଂ ସମ୍ପାଦକ ଗୌରୀଶଙ୍କର ଦାଶ ଜଣାଇଛନ୍ତି।



ରଞ୍ଜନା ଗୌହର।

## କଳାକାର ବିକଶିତ ହେଲେ କଳା ଆଗକୁ ବଢ଼ିବ

**ଢେଙ୍କାନାଳ ଅଫିସ, ୧୮।୧୨**

### ସଙ୍ଗମ ମହୋତ୍ସବ ଉଦ୍‌ଘାଟିତ

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ‘ନିତା ନୃତ୍ୟାଙ୍ଗନା’ର ବାର୍ଷିକ ଉତ୍ସବ ‘ସଙ୍ଗମ ମହୋତ୍ସବ’ ରବିବାର ସନ୍ଧ୍ୟାରେ ଗୋପବନ୍ଧୁ ଟାଉନ୍ ହଲ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହା ଦୁଇଦିନ ଧରି ଚାଲିବ। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦ ସାଧାରଣ ସମ୍ପାଦକ ମହେଶ ସାହୁ, ସମ୍ମାନିତ ଅତିଥି ପୂର୍ବତନ ନଗରପାଳ ମୋନିକା ଶର୍ମା, ନେହେରୁ ଯୁବକେନ୍ଦ୍ର ଆଞ୍ଚଳିକ ଉପନିର୍ଦ୍ଦେଶକ ଅଶୋକ ଦାଶ ପ୍ରମୁଖ ଯୋଗଦେଇଥିଲେ। ଢେଙ୍କାନାଳ ହେଉଛି କଳା ସଂସ୍କୃତିର ଜିଲା । ଏଭଳି ଉତ୍ସବ ଆୟୋଜନ ମାଧ୍ୟମରେ ବହୁ କଳାକାର ନିଜର ପ୍ରତିଭା ପ୍ରଦର୍ଶନ କରିପାରୁଛନ୍ତି। କଳାକାର ବିକଶିତ ହେଲେ କଳା ଆଗକୁ ବଢିବ ବୋଲି ଅତିଥିମାନେ କହିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ସୁଚିସ୍ମିତା ମାନାଙ୍କ ସଭାପତିତ୍ୱରେ ବରିଷ୍ଠ ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଆଶିଷ ପାଲ, ବିଶ୍ୱମ୍ଭର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଦେବୋଲିନ୍ ବରାଳଙ୍କୁ ‘ୟୁଥ୍ ଟ୍ୟାଲେଣ୍ଟ’ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ।



ଦେବୋଲିନ୍ ବରାଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ‘କାମାକ୍ଷାନଗର ହେବ ଶିକ୍ଷାର ହବ୍’



**କାମାକ୍ଷାନଗର, ୧୮।୧୨(ଡି.ଏନ୍.ଏ.)**

### ସରସ୍ୱତୀ ଶିଶୁ ମନ୍ଦିରର ୨୬ତମ ବାର୍ଷିକ ଉତ୍ସବ

ଯେଉଁ ଅଞ୍ଚଳ ଶିକ୍ଷାରେ ଯେତେ ଉନ୍ନତ ସେହି ଅଞ୍ଚଳ ସେତେ ବିକଶିତ। ଶିଶୁ-ଶିକ୍ଷକଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଶିକ୍ଷାଦାନ ଫଳପ୍ରଦ ହେବ। ଗୁରୁମା’ଗୁରୁଜୀମାନେ ଛାତ୍ରୀଛାତ୍ରଙ୍କୁ ନିଜ ସନ୍ତାନଙ୍କ ଭଳି ବ୍ୟବହାର କଲେ ସେମାନଙ୍କ ଉନ୍ନତି ଅବଶ୍ୟମ୍ଭାବୀ ବୋଲି କହିଛନ୍ତି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ରବିବାର ସନ୍ଧ୍ୟାରେ କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୬ତମ ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି। ଏହି ଅବସରରେ ସେ କାମାକ୍ଷାନଗରକୁ ଶିକ୍ଷାର ହବ୍ ଭାବେ ଗଢ଼ିତୋଳିବାକୁ ଆହ୍ୱାନ ଦେଇଥିଲେ।

ନଗରପାଳ ଧର୍ମାନନ୍ଦ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଠପଢ଼ାରେ ଆଧ୍ୟାତ୍ମିକ ଶିକ୍ଷାକୁ ଯୋଡ଼ିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଭାରତୀ ପୂର୍ବକ୍ଷେତ୍ର ସହମନ୍ତ୍ରୀ ହେମନ୍ତ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାତାପିତାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍କୁଲ କମିଟି ସଭାପତି ସଞ୍ଜୀବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରଧାନ ଗୌରଚନ୍ଦ୍ର ନନ୍ଦ, କମିଟି ସମ୍ପାଦକ ପ୍ରଫୁଲ୍ଲ ସାହୁ ଶିକ୍ଷାନୁଷ୍ଠାନର ସଫଳତା ବଖାଣିଥିଲେ। ସହପ୍ରଧାନ ଆଚାର୍ଯ୍ୟ ପ୍ରତାପ ରଥ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୁରୁଜୀ ପ୍ୟାରୀମୋହନ ଦାସ, କାମାକ୍ଷା ପ୍ରସାଦ ସାହୁ, କାଳିନ୍ଦୀ ବିଶ୍ୱାଳ, ଅଭିଷେକ ସାହୁ, ସାଇସ୍ୱରୂପ ସାହୁ, ସଦାନନ୍ଦ ବେହେରା, ଗୁରୁମା ସ୍ନେହମୟୀ ପ୍ରଧାନ, ଭବାନୀ ପାଳ, ସସ୍ମିତା ପଣ୍ଡା, ରଶ୍ମିତା କର, ବିନୋଦିନୀ କର, ଚିନ୍ମୟୀ ସାହୁ, ସୁଦୀପ୍ତା ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଲୁହା ଛଡ଼ ବିକ୍ରି ଅଭିଯୋଗ: ୨ ଗିରଫ

ଅନୁଗୋଳ ଅଫିସ, ୧୮।୧୨- ଅନୁଗୋଳ ଜିଲା ନିଶା ଥାନା ଅଞ୍ଚଳରେ ଥିବା ଏକ ଶିଳ୍ପ ସଂସ୍ଥାର ଲୁହା ଛଡ ବିକ୍ରି କରିବା ଅଭିଯୋଗରେ ପୋଲିସ ଜରପଡ଼ା ଥାନା ଜେରଙ୍ଗ ଗ୍ରାମର ଅନନ୍ତ ଚରଣ ସାହୁ(୩୪) ଓ ତୁକୁଡ଼ା ଅଞ୍ଚଳର ଚନ୍ଦନ ସାହୁ(୨୨)ଙ୍କୁ ଗିରଫ କରିଛି। ଶିଳ୍ପ ସଂସ୍ଥାର ସୁରକ୍ଷା ଅଧିକାରୀ ସଚିନ୍ କୁମାର ମିଶ୍ରଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୭୨/୨୨ରେ ମାମଲା ରୁଜୁ କରିଛି। ପୋଲିସ କହିଛି, ଗତ ୧୫ ତାରିଖରେ ଉକ୍ତ ଶିଳ୍ପ ସଂସ୍ଥାକୁ ଟ୍ରକ୍ ଯୋଗେ ଲୁହା ଛଡ଼ ଭର୍ତ୍ତି କରି ଡ୍ରାଇଭର ଚନ୍ଦନ ଓ ହେଲପର ଅନନ୍ତ ଆଣିଥିଲେ। ତେବେ ସମ୍ବଲପୁର ଜିଲା ରେଢ଼ାଖୋଲ ଓ ନାକଟି ଦେଉଳଠାରେ ଉଭୟେ ଟ୍ରକରୁ ୩ ଟନ୍ ଲୁହା ଛଡ଼ ବିକ୍ରି କରି ଦେଇଥିଲେ। ପରେ ଟ୍ରକରେ ସେହି ଓଜନର ପଥର ଭର୍ତ୍ତି କରିଥିଲେ। ଛଡ଼ର ମାନ ପରୀକ୍ଷାବେଳେ ଗାଡ଼ିରୁ ପଥର ବାହାରି ଥିଲା। ଉଭୟଙ୍କୁ ସୁରକ୍ଷାକର୍ମୀମାନେ ପଚରା ଉଚରା କରିବା ପରେ ସେମାନେ ଏହାକୁ ବିକ୍ରି କରିଥିବା ପ୍ରକାଶ କରିଥିଲେ। ପରେ ଉଭୟଙ୍କୁ ଶିଳ୍ପସଂସ୍ଥାର ସୁରକ୍ଷାକର୍ମୀ ନିଶା ଥାନାରେ ଜିମା ଦେଇଥିଲେ। ପୋଲିସ ଉଭୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି।

### ଛାତ୍ରଙ୍କଠାରୁ ଝାମ୍ପିନେଲେ ମୋବାଇଲ

ଅନୁଗୋଳ ଅଫିସ,୧୮।୧୨- ଅନୁଗୋଳ ଜିଲା ତାଳଚେର ଥାନା ପବିତ୍ରମୋହନ ଛକ ନିକଟରୁ ଜଣେ କଲେଜ ଛାତ୍ରଙ୍କଠାରୁ ୨ ଜଣ ଦୁର୍ବୃତ୍ତ ମୋବାଇଲ ଝାମ୍ପି ନେଇଛନ୍ତି। ଛାତ୍ରଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୯୭୫/୨୨ରେ ମାମଲା ରୁଜୁ କରିଛି। ଏପରିକି ଏହି ଘଟଣାରେ ଛାତ୍ର ଜଣକ ଜଣେ ଦୁର୍ବୃତ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିବା ଜଣାପଡ଼ିଛି। ପୋଲିସ କହିଛି, ପାଲଲହଡ଼ା ଅଞ୍ଚଳର ସାହୁ ସାମଡ଼ ତାଳଚେର ମହାବିଦ୍ୟାଳୟର ଛାତ୍ର। ସେ କଲେଜରୁ କ୍ଲାସ ସାରି ରୁମ୍‌କୁ ଫେରୁଥିବା ସମୟରେ ପବିତ୍ରମୋହନ ଛକରେ ୨ ଦୁର୍ବୃତ୍ତ ତାଙ୍କ ମୋବାଇଲ ଝାମ୍ପି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଯୁବକଙ୍କ ମୃତଦେହ ଠାବ

ଛେଣ୍ଡିପଦା,୧୮।୧୨(ସ୍ୱ.ପ୍ର)- ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ରାଇକଝରଣ ପଞ୍ଚାୟତ ଧୋବାମଲିହା ପ୍ରାଥମିକ ବିଦ୍ୟାଳୟ ନିକଟରୁ ରବିବାର ଅପରାହ୍ନରେ ସନ୍ଦେହଜନକ ଅବସ୍ଥାରେ ଜନୈକ ଯୁବକଙ୍କ ମୃତଦେହ ଠାବ ହୋଇଛି। ମୃତକ ହେଲେ ଧୋବାମଲିହା ଗ୍ରାମର ଅଭିରାମ ପ୍ରଧାନ। ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଘଟଣାରୁ ଜଣାପଡ଼ିଛି, ଧୋବାମଲିହା ନିକଟରେ ଉତ୍କଳ ଡି କୋଲ୍ ବ୍ଲକରେ ମୈତ୍ରୀ କମ୍ପାନୀ ପକ୍ଷରୁ କୋଇଲା ଉତ୍ତୋଳନ କାର୍ଯ୍ୟ ଜାରି ରହିଛି। ଅପରାହ୍ନରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ସେଠାରେ ପହଞ୍ଚି ଥିଲା। ଉକ୍ତ ଟ୍ରକରୁ ଅଭିରାମ ଓ ସେହି ଗ୍ରାମର କିଛି ଯୁବକ ମିଶି ସିମେଣ୍ଟ ଖାଲି କରିଥିଲେ। କିନ୍ତୁ ଅଭିରାମ ଘରକୁ ଫେରି ନ ଥିଲେ। ସନ୍ଧ୍ୟାରେ ଧୋବାମଲିହା ପ୍ରାଥମିକ ବିଦ୍ୟାଳୟ ନିକଟରୁ ସନ୍ଦେହଜନକ ଅବସ୍ଥାରେ ତାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଟ୍ରକ୍ ଚୋରି ଘଟଣାରେ ୩ ଗିରଫ

ଅନୁଗୋଳ ଅଫିସ, ୧୮।୧୨ ଅନୁଗୋଳ ଥାନା ଟ୍ରକ୍ ମାଲିକ ସଂଘ ସମ୍ମୁଖରୁ ଗତ ନଭେମ୍ବର ୭ରେ ଟ୍ରକ୍ ଚୋରି ଘଟଣାରେ ରବିବାର ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ବଡ଼ମ୍ବା ଥାନା ଅଞ୍ଚଳର ଗୋବିନ୍ଦ ଚନ୍ଦ୍ର ରାଉତ(୩୦), ଢେଙ୍କାନାଳ ଥାନା ଅଞ୍ଚଳର ଗୋପବନ୍ଧୁ ବଜାରର ପଙ୍କଜ ମଲ୍ଲିକ(୪୮) ଓ ଢେଙ୍କାନାଳ ହାଟ ଅଞ୍ଚଳର ପଙ୍କଜ ସାହୁ(୫୪)। ଟ୍ରକ୍ ମାଲିକ ସନ୍ତୋଷ କୁମାର ଦାସଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୫୯୮/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଅନୁଗୋଳ ଅତିରିକ୍ତ ଥାନା ଅଧିକାରୀ ଦୁଷ୍ମନ୍ତ ସିଂହ ସୂଚନା ଦେଇଛନ୍ତି।

# ଉତ୍ସାହ ଭରିଲା ପଥ ଉତ୍ସବ

**ଅନୁଗୋଳ ଅଫିସ୍, ୧୮।୧୨**

■ରାସ୍ତା ପାଲଟିଲା ଜନସମୁଦ୍ର

■ନୃତ୍ୟଗୀତରେ ଝୁମିଲେ ସଭିଏ

ରଙ୍ଗବେରଙ୍ଗ ରଙ୍ଗୋଲିରେ ଚମକୁଥିଲା ରାସ୍ତା। କିଏ ନୃତ୍ୟ କରୁଥିଲା ତ ଆଉ କିଏ ବିଭୋର ହେଉଥିଲା ମନୋରମ ସଙ୍ଗୀତରେ। ଲୋକକଳା, ଚିତ୍ରକଳା, କାରୁକଳାର ଅପୂର୍ବ ସମନ୍ୱୟ ମଞ୍ଚରେ ଭରିଥିଲା ରୋମାଞ୍ଚ। ଅନୁଗୋଳ ସମେତ ଜିଲାର ୪ ଉପଖଣ୍ଡ ମୁଖ୍ୟାଳୟରେ ରବିବାର ଅନୁଷ୍ଠିତ 'ପଥ ଉତ୍ସବ'କୁ ନେଇ ଏଭଳି ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିବାବେଳେ ସଡ଼କକୁ ଓହ୍ଲାଇ ଆସିଥିଲେ ସହରବାସୀ।

ଅନୁଗୋଳ, ପାଲଲହଡ଼ା, ଆଠମଲ୍ଲିକ ଏବଂ ତାଳଚେର ଉପଖଣ୍ଡରେ ରବିବାର ଅନୁଷ୍ଠିତ ହୋଇଥିଲା ପଥ ଉତ୍ସବ। ଅନୁଗୋଳ ସହରର ଜଗନ୍ନାଥ ମନ୍ଦିର ସମ୍ମୁଖରୁ ବିଇଡି କଲେଜ ଛକ ପର୍ଯ୍ୟନ୍ତ ରାସ୍ତାରେ ଆୟୋଜିତ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମର ମଜା ନେବାକୁ ଜମିଥିଲା ଅସମ୍ଭାଳ ଭିଡ଼। ଜଗନ୍ନାଥ ମନ୍ଦିର ଏବଂ ବିଇଡି କଲେଜ ସମ୍ମୁଖ ମଞ୍ଚରେ କଳାକାର ଭେଟି ଦେଇଥିବା ଭଳିକି ଭଳି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କୁହୁଡ଼ିଆ ଶୀତୁଆ ସକାଳରେ ଭରିଦେଇଥିଲା ଉଷ୍ମତା। କୁନିକୁନି ପିଲାଙ୍କ ଚିତ୍ତାକର୍ଷକ ନୃତ୍ୟ, ହରିନାମ ସଂକୀର୍ତ୍ତନ, ମହିମା ଧର୍ମାବଲମ୍ବୀଙ୍କ ଖଞ୍ଜଣି ବାଦନ, ଭାଓଲିନ୍, ଲୁପ୍ତପ୍ରାୟ କେନ୍ଦରା ବାଦ୍ୟଯନ୍ତ୍ରର ମଧୁର ଗୁଞ୍ଜରଣରେ ଦୁଲୁକି ଉଠିଥିଲା ମଞ୍ଚ। ଝୋଟିଚିତ୍ର, ପେନ୍‌ସିଲ ଆର୍ଟ, ଘର ସଜ୍ଜା ଉପକରଣ ପ୍ରସ୍ତୁତି ଏବଂ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସେହିପରି ଜିମ୍ନାଷ୍ଟିକ୍ କଳାକୌଶଳ, ଜୁମ୍ବା ଡ୍ୟାନ୍ସ ଅନ୍ୟତମ ଆକର୍ଷଣ ସାଜିଥିଲା। ଜଣଅଜଣା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ପୁରସ୍କାର ଜିତିବା ବ୍ୟବସ୍ଥା କରାଯାଇଥିଲା। ଜଗତ ମଙ୍ଗଳ କାମନା କରି ଦିବ୍ୟାଙ୍ଗମାନେ ସୁଲଳିତ କଣ୍ଠରେ ଭଜନ ପରିବେଷଣ କରିଥିଲେ। ପୌରପାଳିକା ପକ୍ଷରୁ ପ୍ରାକୃତିକ ସାମଗ୍ରୀରେ ପ୍ରସ୍ତୁତ କାଢ଼ାର ମଜା ନେଇଥିଲେ ଅନେକେ।

ମୁଖ୍ୟ ଅତିଥି ଅନୁଗୋଳ ବିଧାୟକ ତଥା ଉପ ବାଚସ୍ପତି ରଜନୀକାନ୍ତ ସିଂ ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନିଜ ଅଭିଭାଷଣରେ ସେ କହିଲେ, ସମୟ ଅନୁଯାୟୀ ବନ୍ଧୁତ୍ୱ, ସ୍ନେହ, ଶ୍ରଦ୍ଧାର ପରିଭାଷା ବଦଳିଗଲାଣି। ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ଏଭଳି ଅଭିନବ କାର୍ଯ୍ୟକ୍ରମ ପଥଉତ୍ସବ ହଜିଯାଇଥିବା ବନ୍ଧୁତ୍ୱକୁ ଉଜ୍ଜୀବିତ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ଜଗମୋହନ ମୀନା, ଉପଜିଲାପାଳ ବୈଦୁରା ଦୀପ, ନଗରପାଳ ଅକ୍ଷୟ ସାମନ୍ତ, ଜିଲା ପରିଷଦ ସଭାନେତ୍ରୀ ବବିତା ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅଗସ୍ତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।


ଯୁବତୀମାନେ ମାଠିଆକୁ ଚିତ୍ରିତ କରୁଛନ୍ତି।

## ଉପଖଣ୍ଡ ବି କମ୍ପିଲା

**ଆଠମଲ୍ଲିକ/ପାଲଲହଡ଼ା,୧୮।୧୨ (ଡି.ଏନ.ଏ.)**

ପଥ ଉତ୍ସବ ପାଇଁ କମ୍ପିଛି ଅନୁଗୋଳ ଜିଲାର ଆଠମଲ୍ଲିକ ଉପଖଣ୍ଡ। ଆଠମଲ୍ଲିକ ସହରର ଗାନ୍ଧୀଛକଠାରୁ ଷ୍ଟାଡିୟମ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ସକାଳ ୬ଟା ପ୍ରାୟ ୫ ଘଣ୍ଟା ଧରି ମନୋରଞ୍ଜନ କାର୍ଯ୍ୟକ୍ରମର ଭରପୂର ମଜା ଉଠାଇଥିଲେ ସହରବାସୀ। ଉପଜିଲାପାଳ ତରଣୀ ସୁନାଙ୍କ ନେତୃତ୍ୱରେ ଏନ୍‌ଏସି ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା,ଏସଡିପିଓ ଚିନ୍ତାମଣି ପ୍ରଧାନ, ବିଡିଓ ସୌଭାଗ୍ୟ ବେହେରା, ତହସିଲଦାର ଯଶୋବନ୍ତ ଦେହୁରୀ, ଏସଡିଏମଓ ଡ. ସୁନୀଲ ପଣ୍ଡା, ସହକାରୀ ଜିଲାପାଳ କୁଳମଣି ଦଳେଇ, ଆଇଆଇସି ନିରୋଦ ଦାସ, ଏନ୍‌ଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଏନ୍‌ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ଏସିଏଫ ଗୌରୀଶଙ୍କର ଦାସ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାଶରଥି ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ପାଲଲହଡ଼ାରେ ବିଧାୟକ ମୁକେଶ ପାଲ ପଥ ଉତ୍ସବର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସତ୍‌ସଙ୍ଗକେନ୍ଦ୍ର ରାସ୍ତାଠାରୁ ବ୍ଲକ ଛକ ଏବଂ ବ୍ଲକ ଛକଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ପାଲା, ଦାସକାଠିଆ, ଆଦିବାସୀ ନୃତ୍ୟ, ପାଇକ ଆଖଡ଼ା, ରଙ୍ଗୋଲି ପ୍ରଦର୍ଶନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଉପଜିଲାପାଳ ଲମ୍ବୋଦର ମାରାଣ୍ଡି, ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ଆଠମଲ୍ଲିକ ପଥ ଉତ୍ସବରେ ଅଂଶଗ୍ରହଣ କରିଥିବା ପ୍ରଶାସନିକ ଅଧିକାରୀମାନେ।


ଯୁବତୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।


ପଥଯାତ୍ରାରେ ଜିଲାପାଳ ଓ ଏସ୍‌ପିଙ୍କ ସମେତ ଅନ୍ୟମାନେ।

## ଆଲୋଚନାଚକ୍ର ଉଦ୍‌ଯାପିତ

**ଅନୁଗୋଳ ଅଫିସ, ୧୮।୧୨**

ତାଳଚେର ସାଉଥ୍‌ବଲଣ୍ଡାସ୍ଥିତ ନୀଳକଣ୍ଠେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ଇଂଲିଶ ବିଭାଗ ପକ୍ଷରୁ ଚାଲିଥିବା 'ଇଂଲିଶ ସାହିତ୍ୟକୁ ସେକ୍ସପିଅରଙ୍କ ଅବଦାନ' ସମ୍ପର୍କିତ ଆଲୋଚନାଚକ୍ର ରବିବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବଳଭଦ୍ର ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ଶୁଭଦର୍ଶିନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୧୦ ଛାତ୍ରୀଛାତ୍ର ସେକ୍ସପିୟରଙ୍କ କୃତି ସମ୍ବଳିତ ନିବନ୍ଧ ପାଠ କରିଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ଈପ୍ସିତା ପ୍ରିୟଦର୍ଶିନୀ ପ୍ରଧାନ, ସରସ୍ୱତୀ ଦେହୁରୀ, ସୌମ୍ୟରଞ୍ଜନ ଦାସ ପ୍ରମୁଖ ସେକ୍ସପିୟରଙ୍କ ହାସ୍ୟାତ୍ମକ, ଐତିହାସିକ ରଚନା ଉପରେ ଆଲୋଚନା କରିଥିଲେ। ଶେଷରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ଯୁବକଙ୍କୁ ଆକ୍ରମଣ ଅଭିଯୋଗ: ଜଣେ ଗିରଫ

**ବଇଣ୍ଡା,୧୮।୧୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ବଡ଼ ଗୋବିନ୍ଦପୁର ଗ୍ରାମର ଚୈତନ୍ୟ ମାଝିଙ୍କୁ ସେହି ଗ୍ରାମର ପିଙ୍କୁଲାଲ ମିଶ୍ର ଠେଙ୍ଗାରେ ଆକ୍ରମଣ କରିଥିବା ଶନିବାର ଅଭିଯୋଗ ହୋଇଛି। ପୋଲିସ କହିଛି, ଚୈତନ୍ୟ ଘରେ ନ ଥିବା ସମୟରେ ପିଙ୍କୁ ବାରମ୍ବାର ତାଙ୍କ ଘରକୁ ଯିବା ଆସିବା କରୁଥିଲେ। ଏ ନେଇ ଚୈତନ୍ୟ ପଚାରିବାରୁ ପିଙ୍କୁ ଉତକ୍ଷିପ୍ତ ହୋଇ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନଂ.୩୫୭/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ମହୁ ଚାଷ ତାଲିମ ଶିବିର

**ବଇଣ୍ଡା,୧୮।୧୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ କଣ୍ଟେଇକୋଳିଆ ପଞ୍ଚାୟତ ଗୁଣ୍ଡୁରୀଝରଣ ଗ୍ରାମ କୋଠ ଘରେ ଚାଲିଥିବା ମହୁ ଚାଷ ସମ୍ପର୍କିତ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଲକ୍ଷ୍ମୀପ୍ରିୟାପୁର, ରାଜନପାଳ, ବାଲିଆମ୍ବ, ଗୁଣ୍ଡୁରୀଝରଣ ଆଦି ଗ୍ରାମର ୩୦ ମହିଳା ଅଂଶଗ୍ରହଣ କରିଥିଲେ। କୃଷି ଅଧିକାରୀ ବୀରେନ କୁମାର ପଟ୍ଟନାୟକ, ବିଜୟ ବୀର ପ୍ରଶିକ୍ଷକ ଭାବେ ଯୋଗଦେଇ କିଭଳି ମହୁ ଚାଷ କରି ଭଲ ଅର୍ଥ ଉପାର୍ଜନ କରିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ ମହାପାତ୍ର ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ପୁନିଆ ସାହୁ, ସଂଯୁକ୍ତା ପ୍ରଧାନ ସହଯୋଗ କରିଥିଲେ। ଅଭୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ଶିବିରରେ ଅଂଶଗ୍ରହଣ କରିଥିବା ମହିଳାମାନେ।

## ଛାତ୍ରଙ୍କୁ ହତ୍ୟା ଧମକ, ମା' ପୋଲିସର ଦ୍ୱାରସ୍ଥ

**ଅନୁଗୋଳ ଅଫିସ, ୧୮।୧୨**

ଅନୁଗୋଳ ଜିଲା ବଁଅରପାଳ ଥାନା କୁକୁଡାଙ୍ଗ ଅଞ୍ଚଳର ଜଣେ ଛାତ୍ରଙ୍କୁ ହତ୍ୟା ଧମକ ଦିଆଯାଉଥିବା ତାଙ୍କ ମା' କୁନି ଦେହୁରୀ ଅଭିଯୋଗ କରିଛନ୍ତି। ପ୍ରମାଣ ଦେବା ସତ୍ତ୍ୱେ ସ୍ଥାନୀୟ ପୋଲିସ ତଦନ୍ତ କରୁ ନ ଥିବାରୁ ସେ ରବିବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ମାମଲାର ତଦନ୍ତ କରିବାକୁ ଏସ୍‌ପି ଅନୁଗୋଳ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ନଂ. ୬୮୦/୨୨ରେ ମାମଲା ରୁଜୁ କରିଛି। ଅଭିଯୋଗରେ ଦର୍ଶାଯାଇଛି, କୁନି ଏବଂ ତାଙ୍କ ପୁଅ ବଲଣ୍ଡାରେ ରହୁଛନ୍ତି। ଏକ ପାରିବାରିକ ମାମଲାର ବିଚାର ପାଇଁ ଗତ ସେପ୍ଟେମ୍ବର ୬ରେ କୁନି ଏବଂ ତାଙ୍କ ବାପା ବଁଅରପାଳ କୋର୍ଟକୁ ଯାଇଥିବାବେଳେ ହାଟ ନିକଟରେ କେତେଜଣ ଅଭିଯୁକ୍ତ ସୁନାଟଙ୍କା ଛଡ଼ାଇ ନେଇଥିଲେ। ତାଙ୍କ ସ୍ୱାମୀ ଆସି ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହ ମାମଲା ପ୍ରତ୍ୟାହାର କରିନେବାକୁ ଚେତାବନୀ ଦେଇଥିଲେ। ଏହାର ଦୁଇଦିନ ପରେ ୮ ତାରିଖରେ କୁନି ଏ ନେଇ ବଁଅରପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏପରି କି ମାମଲା ସମ୍ପର୍କିତ ପ୍ରମାଣ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଥାନାକୁ ପଠାଇଥିଲେ ମଧ୍ୟ ପୋଲିସ ପଦକ୍ଷେପ ଗ୍ରହଣ କରି ନ ଥିଲା। ଇତିମଧ୍ୟରେ କେତେଜଣ ଅଚିହ୍ନା ଲୋକ ୫ଦିନ ହେଲା ତାଙ୍କ ପୁଅକୁ ହତ୍ୟା ଧମକ ଦେଉଛନ୍ତି। ତାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

## ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୧୮।୧୨(ଡି.ଏନ.ଏ.)**

ଠାକୁରଗଡ଼ ଥାନା ବରହମ ଗ୍ରାମର ବାସନ୍ତୀ ନାୟକଙ୍କୁ ସେହି ଗ୍ରାମର ଶ୍ରୀକାନ୍ତ ଭୋଇ ମାଡ଼ ମାରିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୩୩୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ବାସନ୍ତୀ ତାଙ୍କ ଗ୍ରାମ ନଳକୂଅକୁ ପାଣି ଆଣିବା ପାଇଁ ଯାଇଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## 'ଧରିତ୍ରୀ' ଖବରଦାତାଙ୍କ ମାତୃ ବିୟୋଗ

**ଆଠମଲ୍ଲିକ,୧୮।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକର 'ଧରିତ୍ରୀ' ପ୍ରତିନିଧି ଉଦୀପ୍ତ କୁମାର ପୁରୋହିତଙ୍କ ମା' ସରୋଜିନୀ ପୁରୋହିତ (୮୧)ଙ୍କ ରବିବାର ପରଲୋକ ହୋଇଯାଇଛି। ଦୋଳମଣ୍ଡପ ସାହିସ୍ଥିତ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସରୋଜିନୀ ଜଣେ ଜଣେ ଧର୍ମପ୍ରାଣା ମହିଳା ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ତିମ ସମୟରେ ବଡ଼ ପୁଅ, ବଡ଼ବୋହୂ, ସାନ ପୁଅ, ସାନ ବୋହୂ, ନାତିନାତୁଣୀଙ୍କ ସହ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ତାଙ୍କ ଦେହାନ୍ତ ସୂଚନା ପାଇ ଆଇନଜୀବୀ ଅସିତ ରଞ୍ଜନ ଦେଓ, ଅବନୀ ଆଚାର୍ଯ୍ୟ, ଦୀନେଶ ସିଂ, ଗଣମାଧ୍ୟମ ପ୍ରତିନିଧି ବିନୟ ପଟ୍ଟନାୟକ, ବିଶ୍ୱମ୍ବର ବେହେରା, କମଳାକାନ୍ତ ମିଶ୍ର ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ।



## ବନାଗ୍ନି ରୋକିବାକୁ ସଚେତନ କରାଯିବ

**ଅନୁଗୋଳ ଅଫିସ,୧୮।୧୨**

ଆସନ୍ତା ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ଲାଗିବାକୁଥିବା ନିଆଁକୁ ଆୟତ୍ତ କରିବା ତଥା ନିୟନ୍ତ୍ରଣ କରିବା ପାଇଁ ଜିଲା କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ଏକ ବୈଠକ ଶନିବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଏଥିପାଇଁ ସଚେତନତା ବାର୍ତ୍ତା ବଣ୍ଟାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପିଆର୍‌ଆଇ ଏବଂ ସରପଞ୍ଚମାନେ ଏହି କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ପ୍ରାୟତଃ ଖରା ଦିନେ ଖଣି ଅଞ୍ଚଳରେ ସ୍ୱତଃ ଅଗ୍ନିକାଣ୍ଡ ହୋଇଥାଏ। ସେଠାରୁ ନିଆଁ ଆଖପାଖ ଅଞ୍ଚଳକୁ ବ୍ୟାପିଥାଏ। ଚଳିତବର୍ଷ ଅଗ୍ନିକାଣ୍ଡମୁକ୍ତ ପଞ୍ଚାୟତଗୁଡିକ ସେମାନଙ୍କ ଉତ୍ତମ ଉଦ୍ୟମ ପାଇଁ ପୁରସ୍କୃତ କରାଯିବାର ଯୋଜନା ରହିଛି। ଏଥିସହ ୨୦୦ରୁ ଅଧିକ ବ୍ୟକ୍ତିଙ୍କୁ ସ୍କ୍ୱାଡ୍ ଭାବରେ ନିୟୋଜିତ କରାଯିବାକୁ ସ୍ଥିର କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ପୋଲିସ, ରାଜସ୍ୱ, ଅଗ୍ନିଶମ, ମେଡିକାଲ, ଖଣି, କେନ୍ଦୁଲିଫର ଜିଲାସ୍ତରର ଅଧିକାରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ। ଅନୁଗୋଳ ବନଖଣ୍ଡ ଅଧିକାରୀ ବିବେକ କୁମାର, ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡା, ଆଠମଲ୍ଲିକ ବନଖଣ୍ଡ ଅଧିକାରୀ ଆନନ୍ଦ ଏସ.ଙ୍କ ସହ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର କର୍ମକର୍ତ୍ତା ଉପସ୍ଥିତ ଥିଲେ।


ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ଅନ୍ୟମାନେ।

